# ସର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ।

## ୧୦ ଫେବୃଆରୀ ରୁ ୧୯ ଫେବୃଆରୀ ପର୍ଯ୍ୟନ୍ତ ।

ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ନିମନ୍ତେ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ ଚଳିତ ମାସ ୧୦ ଫେବୃଆରୀରୁ ୧୯ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ସମନ୍ୱୟ କମିଟି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ଅଣୁ ଯୋଜନା ଅନୁଯାୟୀ ଜିଲ୍ଲାରେ ସମୁଦାୟ ୧୩ ଲକ୍ଷ ୩୬ ହଜାର ୧୨୯ ଜଣ ଏହି ବଟିକା ଖାଇବେ । କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ଶିଶୁ ଓ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ । ଅନୁଗୋଳ ଓ ତାଳଚେର ସହରାଂଚଳରେ ଔଷଧ ସେବନ କମ୍ ଥିବାରୁ ସମସ୍ତଂକୁ ଔଷଧ ସେବନ କରାଇପାରିଲେ ଫାଇଲେରିଆ ନିରାକରଣ ସଫଳ ହୋଇପାରିବ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ୧୯୩୦ଟି ଗାଁରେ ୧୭୫ଟି ସବ୍ ସେଣ୍ଟର, ୫ଟି ପି ଏସ୍ ୟୁରେ ଔଷଧ ବିତରଣ କରାଯିବ । ଏଥିପାଇଁ ଔଷଧ ବିତରକ ୪୨୭୪ ଜଣ ଓ ଏହାକୁ ତଦାରଖ କରିବା ନିମନ୍ତେ ୪୨୭ ଜଣ ସୁପରଭାଇଜର ନିୟୋଜିତ କରାଯାଇଛି । ସମୁଦାୟ ଆଲ୍‌ବେଣ୍ଡାଜୋଲ ବଟିକା ୧୩ ଲକ୍ଷ ୩୬ ହଜାର ୧୨୯ ଓ ଡି ଇ ସି ବଟିକା ୩୩ ଲକ୍ଷ ୪୦ ହଜାର ୩୨୪ ଟି ପ୍ରଦାନ କରାଯିବ । ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ଏହି ବଟିକା ବାଣ୍ଟିବେ । ୨୫୦ ରୁ ୩୦୦ ଲୋକ ସଂଖ୍ୟାକୁ ନେଇ ଜଣେ ଲେଖାଏଁ ଔଷଧ ବିତରକ ନିଯୁକ୍ତ ହୋଇଛନ୍ତି । ପାରାମେଡିକାଲ କର୍ମଚାରୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନଂକୁ ତାଲିମ ଦିଆଯାଇଛି । ଏହି ଔଷଧ ସେବନକୁ ସୁଦୁରପ୍ରସାରୀ କରିବା ନିମନ୍ତେ ସମସ୍ତ କାର୍ଯ୍ୟାଳୟରେ ଔଷଧ ଖାଇ ଉଦଘାଟନ କରାଯିବ । ବିଭିନ୍ନ ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସୁପରିଚାଳିତ ହେବ । ୨ରୁ ୫ ବର୍ଷ ପିଲା ଗୋଟିଏ ଡି ଇ ସି ବଟିକା ସହ ଗୋଟିଏ ଆଲବେଣ୍ଡାଜୋଲ ବଟିକା ଖାଇବେ । ୬ରୁ ୧୪ ବର୍ଷର ପିଲାମାନେ ୨ଟି ଡି ଇ ସି ବଟିକା ସହ ଗୋଟିଏ ଆଲବେଣ୍ଡାଜୋଲ ବଟିକା ଖାଇବେ । ୧୫ ବର୍ଷରୁ ଉର୍ଦ୍ଧ ସମସ୍ତେ ୩ଟି ଡି ଇ ସି ବଟିକା ସହ ଗୋଟିଏ ଆଲବେଣ୍ଡାଜୋଲ ଖାଇବେ । ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପୂର୍ଣ୍ଣିମା ଉଦଗାତା ( ଭି ବି ଡି) ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲା ପାଇଁ ପ୍ରସ୍ତୁତ ହୋଇଥିବା ଅଣୁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କର୍ମୀ,ପାରାମେଡିକାଲ ଷ୍ଟାଫ୍, ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ, ଆଶା ଓ ଅଙ୍ଗନୱାଡି କର୍ମୀ,ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଶିକ୍ଷ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ , ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୧୦୦ ତା. ୦୭.୦୨. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


COURT OF THE COLLECTOR & DISTRICT MAGISTRATE
ANGUL
DISTRICT CO-ORDINATION COMMITTEE (DCC)
MEETING ON MASS DRUG
ADMINISTRATION (FILARIASIS)- 2022
Venue- Court Room of Collector & DM, Angul
On 7th February 2022
REDMI NOTE 6 PRO
MI DUAL CAMERA